# ବାତ୍ୟା ପରେ ବନ୍ୟା ସ୍ଥିତି


ଭଦ୍ରକ-ଆରଡ଼ି ରାସ୍ତାର ଅସୁରାଳି ନିକଟରେ ପାଣି ସୁଅ ଚାଲିଛି।


ଏକ କ୍ଷେତରେ ଧାନଗଛ ପାଣିରେ ବୁଡ଼ି ରହିଛି।


ବାସୁଦେବପୁର ଅଞ୍ଚଳରେ ପାଣି ନିଷ୍କାସନ ପାଇଁ ଲୋକେ ରାସ୍ତା କାଟି ଘାଇ କରୁଛନ୍ତି।


ନଳାଙ୍ଗ-ଡଗମୁଣ୍ଡ ରାସ୍ତାର ବେତରାଠାରେ ରାସ୍ତା ଜଳମଗ୍ନ।


ତିହିଡ଼ି ବ୍ଲକ ତଳଗୋପବିନ୍ଧା ପଞ୍ଚାୟତରେ ରାସ୍ତା ଉପରେ ବର୍ଷାପାଣି ସୁଅ।


ଭଦ୍ରକ ନେହେରୁ ଷ୍ଟାଡିୟମରେ ପାଣି ଜମିଛି।


ବନ୍ତ ବ୍ଲକରେ ଏକ ସ୍କୁଲ ପାଣିଘେରରେ ରହିଛି।

## ବୁଡ଼ିଲା ରାସ୍ତାଘାଟ, ଘରେ ପଶିଲା ପାଣି

### ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାରେ ଚାଲିଛି ସୁଅ

ଭଦ୍ରକ,୨୬।୧୦(ସନାତନ ରାଉତ)

ବାତ୍ୟା 'ଦାନା' ପ୍ରଭାବରେ ଗୁରୁବାର ଓ ଶୁକ୍ରବାର ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ ରାସ୍ତା ସମେତ ସାହି ବସ୍ତି ଜଳମଗ୍ନ ହୋଇଛି। ରାସ୍ତାଘାଟ ବୁଡ଼ି ଯାଇଥିବା ବେଳେ ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି। ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ବନ୍ୟା ସ୍ଥିତି ଦେଖାଦେଇଛି।

ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ପୌରାଞ୍ଚଳ ଅଧୀନ ୪, ୫, ୮ ଓ ୧୦ ନଂ. ୱାର୍ଡରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ସହରର ଜଗନ୍ନାଥପୁର, ମହତାବ ନଗର, ଧରିତ୍ରୀ ନଗର, ଚରମ୍ପା, ଆଚାର୍ଯ୍ୟ ନଗର ରାସ୍ତା ଜଳାର୍ଣ୍ଣବ ହୋଇଥିବା ବେଳେ ୧୬ ନଂ. ଜାତୀୟ ରାଜପଥ ଓ ସର୍ଭିସରୋଡ୍‌ରେ ଆଣ୍ଠୁଏ ଉଚ୍ଚରେ ବର୍ଷାପାଣି ଲହଡ଼ି ମାରୁଛି। କେତେକ ସ୍ଥାନରେ ପମ୍ପ ଦ୍ୱାରା ଓ ଆଉ କିଛି ଲୋକ ବେଲା ବାସନରେ ପାଣି ବୋହି ଜଳ ନିଷ୍କାସନ କରୁଥିବାର ଦେଖାଯାଇଥିଲା। ଡ୍ରେନେଜ ବ୍ୟବସ୍ଥାରେ ତ୍ରୁଟି ଓ ବର୍ଷାଦିନ ପୂର୍ବରୁ ଠିକ୍ ଭାବେ ଡ୍ରେନ୍ ସଫା କରାଯାଉ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଲୋକେ କହିଛନ୍ତି। ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାର ଅସୁରାଳିଠାରେ ୩ ଫୁଟ୍ ଉଚ୍ଚର ବର୍ଷାପାଣି ସୁଅ ଚାଲିଛି। ରେବ, କପାଳି ନଦୀରେ ଜଳସ୍ତର ବଢ଼ୁଥିବାରୁ ଧାମନଗର ବ୍ଲକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଜିଲାର ୭ ବ୍ଲକରେ ମୁଖ୍ୟରାସ୍ତା ଓ ଗ୍ରାମ୍ୟ ରାସ୍ତା ବୁଡ଼ିଛି। ବନ୍ତ ବ୍ଲକର ବାଙ୍କତିରା- ସରମରା ରାସ୍ତାରେ ୩ ଫୁଟ୍ ଉଚ୍ଚରେ ସୁଅ ଚାଲିଛି। ଜଗନ୍ନାଥପୁର- ମୁଣ୍ଡଳୀ ରାସ୍ତା, ଧାନଘର- ନିର୍ମଳପୁର, ଆଡ଼ିଆ-ଜିରିଣା ରାସ୍ତାରେ ପାଣି ଚାଲିଛି। ଧାନ କ୍ଷେତ ଓ ପରିବା କ୍ଷେତ ଜଳମଗ୍ନ ହେବାରୁ ଜିଲାରେ ୨୪ ହଜାର ୧୧୫ ହେକ୍ଟର ଜମିରେ ଚାଷ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି।


ମହତାବନଗରରେ ଜଣେ ବ୍ୟକ୍ତି ନିଜ ଘର ପରିସରରୁ ପାଣି ବୋହୁଛନ୍ତି।

## ଲଗାଣ ବର୍ଷାରେ ଜଳମଗ୍ନ ବହୁ ଗାଁ

ବନ୍ତ,୨୬।୧୦(ହରିନାରାୟଣ ମହାନ୍ତି)

ବାତ୍ୟା ପ୍ରଭାବରେ ଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ବନ୍ତ ବ୍ଲକର ବହୁ ଗାଁ ଜଳମଗ୍ନ ହୋଇଛି। ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଛି। ଏପରିକି ଘରର କାନ୍ଥ ପଡ଼ିଯିବା ସହ ଚାଳଛପର ଭୁଶୁଡ଼ି ପଡ଼ିଛି। ବିଭିନ୍ନ ଗ୍ରାମରେ ରାସ୍ତାଘାଟ ବୁଡ଼ି ଯାଇଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ବିଟିପୁର ପଞ୍ଚାୟତ ଅଧୀନ ୭ନଂ. ୱାର୍ଡ ଏବଂ ବଡ଼ବର୍ଣ୍ଣିକୁଆଁ ପଞ୍ଚାୟତ ଆପ୍ତିରା ଷଡଙ୍ଗୀ ଗ୍ରାମର ଯେନାସାହି, ପାଣିସାହି, ପାଢ଼ୀସାହି ବିଶେଷ ଭାବେ ପ୍ରଭାବିତ ହୋଇଛି। ଏସବୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବା ବେଳେ ଲୋକଙ୍କ ଘରେ ପାଣି ପଶିଯାଇଛି। ବିଡିଓ ପ୍ରଦୀପ କୁମାର ସେଠୀ, ତହସିଲଦାର ସାରା ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ପିଇଓ ସଙ୍ଗୀତାରାଣୀ ପାଣିଗ୍ରାହୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧିମାନେ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ା ଗ୍ରାମର ଶ୍ରୀରାମ ପଣ୍ଡାଙ୍କ ଘରେ ପାଣି ପଶି ଯାଇଥିବା ବେଳେ ଛୟାଳସିଂହ ପଞ୍ଚାୟତ ମଙ୍ଗୁଲି ଗ୍ରାମର ବ୍ରାହ୍ମଣ ସାହି ରାସ୍ତାରେ ୨ ଫୁଟ୍ ଉଚ୍ଚରେ ପାଣି ଚାଲିଛି। ଫଳରେ ଲୋକେ ଯାତାୟାତ କରିପାରୁ ନାହାନ୍ତି। ସେହି ଗ୍ରାମର ପ୍ରହ୍ଲାଦ ରାଉତଙ୍କ ଘର ବାତ୍ୟା ପ୍ରଭାବରେ ଭାଙ୍ଗି ଯାଇଛି। ତିଲୋ ପଞ୍ଚାୟତର ବିଭିନ୍ନ ଗ୍ରାମ ପାଣିଘେରରେ ଥିବାବେଳେ ବହୁ ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ସରପଞ୍ଚ ସଂଗ୍ରାମ କେଶରୀ ଜେନା ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ସେହିପରି ନିଲୋକ ପଞ୍ଚାୟତ ଅଧୀନ ପଡିଆପଡା ଗ୍ରାମ ମଧ୍ୟ ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ପାଣି ଜମି ରହିବା ଯୋଗୁ ଯାତାୟାତରେ ସମସ୍ୟା ଦେଖାଯାଇଛି। ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଙ୍ଗୀରା, ଗଭିଗଡିଆ, ସୁନାଗଡିଆ, ଚାରିଘରିଆ ସମେତ ତରାଗୋର ୩ଟି ୱାର୍ଡର ଅଧିବାସୀ ରେବ ନଦୀ କୂଳରେ ବସବାସ କରୁଥିବା ବେଳେ ସମସ୍ତଙ୍କ ସୁରକ୍ଷା ପାଇଁ ସରକାରୀ ଭାବେ କୌଣସି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ଖୋଲାଯାଇ ନାହିଁ। ଫଳରେ ଏହି ଅଞ୍ଚଳର ଲୋକେ ତରାଗୋ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଗୋପୀନାଥପୁର ଗ୍ରାମର ଭାରତ ଦାଶଙ୍କ ଘର ଉପରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିଥିବା ବେଳେ ବ୍ଲକ ପ୍ରଶାସନକୁ ଖବର ଦିଆଯାଇଥିଲା। କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ତ୍ରିଲୋଚନ ମାଝୀଙ୍କ ନିର୍ଦ୍ଦେଶ ପରେ ଅଗ୍ନିଶମ ବାହିନୀ ପହଞ୍ଚି ଉକ୍ତ ଗଛକୁ କାଟି ସଫା କରିଥିବା ଜଣାଯାଇଛି।


ନିମାପଡା ଗ୍ରାମର ଜଣେ ବ୍ୟକ୍ତି ଘର ପାଣିଘେରରେ ରହିଛି।

## ସାଳନ୍ଦୀ ଜଳରେ ବୁଡ଼ିଛି ଚାଷଜମି, ତଳିଆ ଅଞ୍ଚଳ



ଭଦ୍ରକ, ୨୬।୧୦ (ରବିନାରାୟଣ ଖିଲାର)

ଦୁଇଦିନ ଧରି ପ୍ରବଳ ବର୍ଷାରେ ସାଳନ୍ଦୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ସାଳନ୍ଦୀର ଶାଖା ନଦୀ ନାଳିଆରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେବା ଦେଖାଦେଇଛି। ପ୍ରବଳ ବର୍ଷା ଫଳରେ ହଜାର ହଜାର ହେକ୍ଟର ଚାଷଜମି ବୁଡ଼ି ରହିବା ଓ ନଦୀର ବନ୍ୟାଜଳ ପ୍ରବେଶ ଦ୍ୱାରା ଧାନ ଚାଷ ନଷ୍ଟ ହେବାର ଆଶଙ୍କା ରହିଛି। ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ହରିପୁର, ବିଷ୍ଣୁପୁରବିନ୍ଧା ଆଦି ତଳିଆ ପଞ୍ଚାୟତରେ ଜମିଗୁଡ଼ିକ ପାଣିରେ ବୁଡ଼ି ରହିଛି। ବିଷ୍ଣୁପୁରବିନ୍ଧା- ଅର୍ଣ୍ଣପାଳ ବଜାର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ନଦୀରେ ଜଳସ୍ତର ଧୀରେ ଧୀରେ ହ୍ରାସ ପାଉଥିବା ନିର୍ବାହୀ ଯନ୍ତ୍ରୀ ରତ୍ନାକର ଦଳେଇ ପ୍ରକାଶ କରିଛନ୍ତି।

## ବର୍ଷାଜଳ ନିଷ୍କାସନ ପାଇଁ ହଟାଗଲା ଜବରଦଖଲ

ଭଦ୍ରକ,୨୬।୧୦(ସନାତନ ରାଉତ)



ଭଦ୍ରକ ପୌରପାଳିକା ପକ୍ଷରୁ ଶନିବାର ସହରର ବନ୍ତ ଛକ ମାର୍କେଟ କମ୍ପ୍ଲେକ୍ସରୁ ବର୍ଷାଜଳ ନିଷ୍କାସନ ସହ ଡ୍ରେନ୍ ସଫା କରାଯାଇଛି। ଉକ୍ତ ସ୍ଥାନରେ କ୍ୟାବିନ୍ ଓ ଉଠାଦୋକାନ ରହିଥିବାରୁ ଡ୍ରେନ୍ ସଫା ହୋଇପାରୁ ନ ଥିଲା। ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଲଗାଣ ବର୍ଷା ଫଳରେ ମାର୍କେଟ୍ କମ୍ପ୍ଲେକ୍ସ ଜଳାର୍ଣ୍ଣବ ହୋଇଥିଲା। ଶନିବାର ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ଜେସିବି ସହ ଆସିବା ପରେ ଦୋକାନୀମାନେ ନିଜ କେବିନ ଉଠାଇ ନେଇଥିଲେ। ପରେ ଡ୍ରେନ୍ ସଫା ଓ ଜଳ ନିଷ୍କାସନ ହୋଇଥିଲା। ଏହି ଜଳ ନିଷ୍କାସନ ପାଇପ୍ ରାସ୍ତାରେ ପଡ଼ିଥିବା ଯୋଗୁ ଭଦ୍ରକ-ଆନନ୍ଦପୁର ରାସ୍ତାର ବନ୍ତ ଛକ ନିକଟରେ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିବାରୁ ବହୁ ସମୟ ଧରି ଗାଡ଼ିଗୁଡ଼ିକ ଅଟକି ରହିଥିଲା। ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୂର୍ବତନ ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ପୋଲିସ ଓ ଦମକଳ ବାହିନୀ ମୁତୟନ ରହିଥିଲେ।

## ପ୍ରଭାବିତ ଅଞ୍ଚଳ ବୁଲିଲେ ମନ୍ତ୍ରୀ

ଧାମନଗର(ଦେବେନ୍ଦ୍ର ଆଦିଆ)/ଅସୁରାଳି(ସନ୍ତୋଷ ପ୍ରଧାନ),୨୬।୧୦

ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଏବେ ଧାମନଗର ବ୍ଲକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଦେଇ ପ୍ରବାହିତ ରେବ, କପାଳୀ, ଯ' ନଦୀରୁ ପାଣି ଉଛୁଳି ଚାଷ ଜମିରେ ପ୍ରବେଶ କରିଛି। ଏଥିସହ ଭଦ୍ରକ-ଆରଡ଼ି ମୁଖ୍ୟରାସ୍ତାର ଅସୁରାଳି ବାଜାରଠାରେ ରାସ୍ତା ଉପରେ ପାଣି ଚାଲୁଛି। ଆସୁରାଳି ବଜାରରୁ ଡିଲୁଅ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଦୋକାନ ଗୃହ ନିର୍ମାଣ କରାଯିବା ସହ ପୂର୍ବରୁ ଥିବା ହୋମପାଇପ୍, କଲଭର୍ଟ ପୋତି ଦିଆଯାଇଛି। ପାଣି ନିଷ୍କାସନ ପାଇଁ ନାଳ ନ ଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଶନିବାର ଅପରାହ୍ନରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ମଙ୍ଗଳପୁର ଛକ ନିକଟରେ ସ୍ଥାନୀୟ ଲୋକେ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ମନ୍ତ୍ରୀଙ୍କୁ ଜଣାଇଥିଲେ। ତୁରନ୍ତ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ଦଳୀୟ ନେତୃମଣ୍ଡଳୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭାଜପା ନେତା ଶ୍ରୀକାନ୍ତ ନାୟକ, ବୈକୁଣ୍ଠ ସାହୁ, ରାଜେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ମାଧବ ଚନ୍ଦ୍ର ମଲ୍ଲିକ, ବୁଦ୍ଧିରାମ ମଲ୍ଲିକ, ଅନନ୍ତ ମଲ୍ଲିକ ପ୍ରମୁଖ ଗୋବିନ୍ଦପୁର ପଞ୍ଚାୟତର କୋରୁଆ ମଲ୍ଲିକ ସାହିକୁ ଯାଇ ଲଗାଣ ବର୍ଷା ଓ ବନ୍ୟା ପାଣି ଘେରରେ ଥିବା ୬୦ ପରିବାରକୁ ଚୁଡ଼ା, ମୁଢ଼ି, ଚିନି, ବିସ୍କୁଟ ଆଦି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି।

## ପାଣିଘେରରେ ଆର୍‌ଏନ୍ ବେତରା ପଞ୍ଚାୟତ


ଆର୍‌ଏନ୍ ବେତରା ରାସ୍ତାରେ ବର୍ଷାପାଣିରେ ପଶି ଲୋକେ ଯିବାଆସିବା କରୁଛନ୍ତି।

ନଳାଙ୍ଗ,୨୬।୧୦(ସାଇଶଙ୍କର ମହାକୁଳ)

ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଯୋଗୁ ଭଦ୍ରକ ବ୍ଲକ ଅଧୀନ ଆର୍‌ଏନ୍ ବେତରା ପଞ୍ଚାୟତ ପାଣିଘେରରେ ରହିଛି। ପ୍ରାୟ ୮ଟି ୱାର୍ଡ ଜଳମଗ୍ନ ହୋଇଛି। କପାଳୀ ନଦୀର ଜଳସ୍ତର ବଢ଼ିଥିବାରୁ ରାସ୍ତା ଉପରେ ପାଣିର ସୁଅ ଚାଲୁଛି। ଲୋକେ ଅଣ୍ଟାଏ ଲେଖାଏ ପାଣିରେ ପଶି ଯାଆସ କରୁଛନ୍ତି। ଆର୍‌ଏନ୍ ବେତରା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ବାତ୍ୟା ଆଶ୍ରୟସ୍ଥଳୀ ହୋଇଥିବା ବେଳେ ବନ୍ୟା ପାଣି ବିଦ୍ୟାଳୟରେ ପଶିଯିବାରୁ ଏଠାରେ ଆଶ୍ରୟ ନେଇଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଛି। ଚାଷ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ବାତ୍ୟା ଓ ବନ୍ୟା ପ୍ରଭାବିତ ଲୋକଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ କୈଳାସ ନାୟକ, ଅନ୍ଦିଆ ବିଶ୍ୱାଳ, ପ୍ରତାପ ନାୟକ, ସନ୍ତୋଷ ମହାକୁଳ, କାର୍ତ୍ତିକ ମହାକୁଳ, ଆତୋଷ ମହାକୁଳ, ମାନସ ବିଶ୍ୱାଳ, ମଧୁସୂଦନ ମହାକୁଡ଼, ସୁଶାନ୍ତ ମହାକୁଡ଼, ପ୍ରଦ୍ୟୁମ୍ନ ମହାକୁଡ଼ ପ୍ରମୁଖ ନିବେଦନ କରିଛନ୍ତି।

## ଚାଷୀଙ୍କ ମୁହଁରୁ ଲିଭିଯାଇଛି ହସ

- ୫୦ ପ୍ରତିଶତରୁ ଅଧିକ ଧାନଚାଷ କ୍ଷତିଗ୍ରସ୍ତ
- ରାସ୍ତା, ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ
- ଅନୁଧ୍ୟାନ କଲେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ

ତିହିଡ଼ି,୨୬।୧୦(ସଞ୍ଜିତ ବଳ)

ବାତ୍ୟା ଯୋଗୁ ତିହିଡ଼ି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ୩୧ ପଞ୍ଚାୟତ ପ୍ରଭାବିତ ହୋଇଥିବା ବେଳେ ଚାଷ କ୍ଷତି ଯୋଗୁ ଚାଷୀଙ୍କ ମୁହଁରୁ ହସ ଲିଭିଯାଇଛି। କେତେକ ସ୍ଥାନରେ ଗାଁ ଦାଣ୍ଡ ଓ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ଶନିବାର ବାତ୍ୟା ପ୍ରଭାବିତ ତଳଗୋପବିନ୍ଧା ପଞ୍ଚାୟତର ବିଭିନ୍ନ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହି ପଞ୍ଚାୟତରେ ରାସ୍ତା ବର୍ଷାପାଣିରେ ବୁଡ଼ି ଯାଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ବିଡିଓ ଜ୍ୟୋତିର୍ମୟ କର, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମଧୁସ୍ମିତା ବେହେରା, କନିଷ୍ଠ ଯନ୍ତ୍ରୀ ଅଲେଖ ତିର୍କୀ, ସରପଞ୍ଚ ସଞ୍ଜୀବ ବେହେରା ପ୍ରମୁଖ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହ ବୁଲିଥିଲେ। ସେହିପରି ଗୁଆମାଳ ପଞ୍ଚାୟତର ଇଶାଣପୁର ଗାଁ ଦାଣ୍ଡରେ ବର୍ଷାପାଣି ଲହଡ଼ି ମାରୁଛି। ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ପଣ୍ଡା ସେହି ଗାଁ ବୁଲିବା ସହ ସ୍ଥିତି ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରପକ୍ଷେ ବ୍ଲକ କୃଷି ଅଧିକାରୀ ଅମର ସାହୁ ସୟା, ଜାମଯୋଡି, ରାଜନଗର ପ୍ରମୁଖ ପଞ୍ଚାୟତକୁ ଯାଇ ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିବା ଧାନଚାଷ ବୁଲି ଦେଖିଛନ୍ତି। ୫୦ ପ୍ରତିଶତରୁ ଅଧିକ ଧାନ କ୍ଷତିଗ୍ରସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି।

ମହରମପୁର, ଶ୍ୟାମସୁନ୍ଦରପୁର ପ୍ରମୁଖ ପଞ୍ଚାୟତର କେତେକ ସ୍ଥାନରେ ଧାନ ଗଛ ପବନରେ ଶୋଇଯାଇଥିବା ବେଳେ ତାହା ଉପରେ ପାଣି ସୁଅ ଚାଲିଛି। ସେସବୁ ସ୍ଥାନରେ ଧାନଗଛ ପଚି ନଷ୍ଟ ହେବାର ଆଶଙ୍କା ଦେଖା ଦେଇଥିବାରୁ ଏହା ଚାଷୀଙ୍କ ପାଇଁ ଚିନ୍ତାଜନକ ହୋଇଛି। ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ମାନସୀ ମହାପାତ୍ର ସୂଚନା ଦେଇଛନ୍ତି ଯେ, ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳରେ ପାନୀୟ ଜଳ ଯୋଗାଣ ଚାଲିଥିବା ବେଳେ ୧୨ ପଞ୍ଚାୟତରେ ଶନିବାର ବୋତଲ ପାଣିର ବ୍ୟବସ୍ଥା କରାଯାଇଛି। ବାତ୍ୟା ପବନରେ କମାରିଆ, ଗୋବିନ୍ଦପୁର, ନୂଆନନ୍ଦ, ତଳଦୁମୁକା ଓ ଗଦି ପାନୀୟଜଳ ପ୍ରକଳ୍ପର ପାଚେରି ଭାଙ୍ଗି ଯାଇଥିବା ସେ କହିଛନ୍ତି। ସେହିପରି ବିଭିନ୍ନ ଅଞ୍ଚଳରେ ବର୍ଷା, ପବନ ଯୋଗୁ ଓ ଗଛ ପଡ଼ି ଚାଳଛପର ଘର ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଶନିବାର ଅପରାହ୍ନ ସୁଦ୍ଧା ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇପାରି ନ ଥିଲା। ଓଡ୍ରାଫ୍ ଏବଂ ଅଗ୍ନିଶମ କର୍ମଚାରୀମାନେ ଗଛ କାଟି ସଫେଇ କାର୍ଯ୍ୟ ଚଳାଇଛନ୍ତି। ଶୁକ୍ରବାର ବାତ୍ୟା ସମୟରେ ତିହିଡ଼ିର ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ତଳିଆ ଅଞ୍ଚଳକୁ ଯାଇ ବିପନ୍ନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ।


ମହରମପୁର ପଞ୍ଚାୟତରେ ବର୍ଷାପାଣିରେ ବୁଡ଼ିଥିବା ଧାନକ୍ଷେତ ଦେଖୁଛନ୍ତି ଚାଷୀ।

**ବସ୍‌ରେ ଲାଗିଲା ନିଆଁ**

ବାଲେଶ୍ୱର, (ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡଠାରେ ଶନିବାର ଭୋର ସମୟରେ ବନଦୁର୍ଗା ନାମକ ଏକ ବସ୍‌ରେ ଅଚାନକ ନିଆଁ ଲାଗିଥିଲା। ଏହା ଦେଖି ବସ୍‌ର କର୍ମଚାରୀ ଦମକଳ ବାହିନୀକୁ ଖବର ଦେଇଥିଲେ। ବାଲେଶ୍ୱର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ବସ୍ ଶନିବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥାନ୍ତା। ଶୁକ୍ରବାର ବାତ୍ୟା ଯୋଗୁ ଭୁବନେଶ୍ୱର ନ ଯାଇ ଷ୍ଟାଣ୍ଡରେ ଛିଡ଼ା ହୋଇରହିଥିଲା। ବସ୍ ବାହାରିବା ବେଳେ ନିଆଁ ଲାଗିଥିବା ଦେଖି ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ସତର୍କତା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଡ୍ରାଇଭର କହିଛନ୍ତି।

## ସଂକ୍ଷେପରେ

### ଗାଡ଼ିଆରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ନୀଳଗିରି, ୨୬।୧୦(ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ବରହମପୁର ଥାନା ଧରମପୁର ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସ୍ତ୍ରୀ ସତ୍ୟଭାମା(୭୫) ଶନିବାର ସକାଳେ ନିଜ ବାଡ଼ିରେ ଥିବା ଫୁଲଗଛରୁ ଫୁଲ ତୋଳିବା ସମୟରେ ଅସାବଧାନତା ଯୋଗୁ ଗୋଡ଼ ଖସିଯିବାରୁ ନିଜ ଗାଡ଼ିଆରେ ପଡ଼ିଯାଇଥିଲେ। ଉଭୟ ପୁଅ ଓ ବୋହୂ ସ୍କୁଲ ଯିବା ପାଇଁ ବାହାରି ମା'ଙ୍କୁ ଖୋଜାଖୋଜି କରିଥିଲେ ହେଁ ନ ପାଇ ନିକଟସ୍ଥ ମାମୁ ଘରକୁ ଖବର ଦେଇଥିଲେ। ସେମାନେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ସନ୍ଦେହ ହେବାରୁ ମହେଶ୍ୱର ଗାଡ଼ିଆ ପାଖକୁ ଯାଇ ଶାଢ଼ି ଭାସୁଥିବା ଦେଖି ଭଉଣୀ ସତ୍ୟଭାମାଙ୍କୁ ପାଣିରୁ ଉଦ୍ଧାର କରି ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବରହମପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୨/୨୪) ରୁଜୁ ହୋଇଛି।

### ନାଳରେ ବୁଡ଼ି ଅଢ଼େଇ ବର୍ଷର ଶିଶୁକନ୍ୟା ମୃତ

#### ଖୋଜିବାକୁ ଯାଇ ସାପ କାମୁଡ଼ାର ଶିକାର ହେଲେ ପଡ଼ୋଶୀ

**ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ସୋର (ଜନ୍ମେଜୟ ମିଶ୍ର), ୨୬।୧୦**

ଖଇରା ବ୍ଲକ ଅଧୀନ ଡାଲଙ୍ଗ ପଲାସାହି ଗ୍ରାମର ହରିହର ମହାରଣାଙ୍କ ଝିଅ ଆଦ୍ୟାଶା(୨ବର୍ଷ ୬ମାସ) ନାଳରେ ଖସିପଡି ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ଆଦ୍ୟାଶା ଘର ଅଗଣାରେ ଖେଳୁଥିବା ବେଳେ ଘରପାଖ ନାଳକୁ ଖସି ପଡ଼ିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଆଦ୍ୟାଶାଙ୍କୁ ପାଣିରେ ଖୋଜାଖୋଜି କରୁଥିବା ବେଳେ ପଡୋଶୀ ପଦ୍ମାବତୀ ମଣ୍ଡଳ ସାପ କାମୁଡାରେ ଗୁରୁତର ହୋଇଛନ୍ତି । ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି।

### ରାଇବଣିଆ ଅଞ୍ଚଳରୁ ବ୍ୟାପକ ଚୋରି

**ଜଳେଶ୍ୱର, ୨୬।୧୦(ନବୀନ ସାହୁ)**

ବାତ୍ୟା 'ଦାନା'ର ସୁଯୋଗ ନେଇ ରାଇବଣିଆ ଅଞ୍ଚଳରେ ଚୋରି ବଢିବାରେ ଲାଗିଛି। ଶୁକ୍ରବାର ପ୍ରାୟ ରାତି ଗୋଟାଏ ବେଳେ ରାଇବଣିଆରେ ଥିବା ପୋଷ୍ଟ ଅଫିସରୁ ତାଲା ଭାଙ୍ଗି ଚୋରି ହେବା ସହିତ ରାଇବଣିଆ ପେଟ୍ରୋଲ ପମ୍ପ ସାମ୍ନା ପାନ ଦୋକାନ ଏବଂ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଫଳ ଦୋକାନରୁ ମଧ୍ୟ ଚୋରି ହୋଇଛି। ଉକ୍ତ ଦୋକାନରୁ ୭ହଜାର ଟଙ୍କାର ଜିନିଷ ଚୋରି ହୋଇଛି। ସେହିପରି ହାତୀଗଡ଼ର ବନ୍ଦେ ଛକରେ ଥିବା ମଦ ଦୋକାନଠାରେ ଥିବା ଚାଖନା ଦୋକାନରୁ ଚୋରି ହୋଇଛି। ସେଠାରୁ ଏକ ସିଲିଣ୍ଡର୍ ସହିତ ୫ହଜାର ଟଙ୍କାର ଜିନିଷ ଚୋରି ହୋଇଯାଉଛି। ସେହିପରି ଓଲମରାରେ ଥିବା ସ୍କୁଲ ନିକଟରୁ ଏକ ତେଜରାତି ଦୋକାନରୁ ଚୋରି ହୋଇଛି।

# ୨୪ଘଣ୍ଟା ପରେ ବି ଅବସ୍ଥା ଅସମ୍ଭାଳ



ମକରଧ୍ୱଜପୁର ଗ୍ରାମର ପଞ୍ଚାନନ ବେହେରାଙ୍କୁ ଖଟିଆରେ ଟେକି ଟେକି ନିଆଯାଉଛି।



ବକ୍ରେଶ୍ୱର ରାସ୍ତାରେ ପ୍ରବାହିତ ହେଉଥିବା କାଂଶବାଂଶ ନଦୀର ବନ୍ୟାଜଳ

**ଖଇରା, ୨୬।୧୦(ଉତ୍କଳବନ୍ଧୁ ପଣ୍ଡା)**

- ଖଇରା ଉପଖଣ୍ଡ ଅନ୍ଧାରରେ
- ୫୦ ଗାଁ ପାଣିଘେରରେ
- ଆମ୍ବୁଲାନ୍ସ ଯାଇ ନ ପାରିବାରୁ ରୋଗୀଙ୍କୁ ଟେକି ଆଣିଲେ ଗ୍ରାମବାସୀ
- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଖଇରାକୁ ଉପେକ୍ଷା ନେଇ ପ୍ରତିକ୍ରିୟା

ବାଲେଶ୍ୱର ଜିଲା ଖଇରା ବ୍ଲକରେ ବାତ୍ୟା ପରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବାତ୍ୟା ଛାଡିବାର ୨୪ ଘଣ୍ଟା ପରେ ବି ଖଇରା ବିଦ୍ୟୁତ ଉପଖଣ୍ଡ ଅଧୀନରେ କୌଣସି ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଏ ସମ୍ପର୍କରେ ଟାଟା ପାୱାର ସହକାରୀ ଯନ୍ତ୍ରୀ ପ୍ରଭାସ ରଞ୍ଜନ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରେ ଉପଖଣ୍ଡ ଅଧୀନରେ ବାତ୍ୟା ପ୍ରଭାବରେ ୩ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ରାତି ସୁଦ୍ଧା ଖଇରା ବଜାର ଓ ଅନ୍ୟ ଫିଡର କିଛି କିଛି ଗ୍ରାମକୁ ବିଦ୍ୟୁତ ସରବରାହ ବ୍ୟବସ୍ଥିତ କରିବାକୁ ଉଦ୍ୟମ କରାଯାଉଥିବା କହିଛନ୍ତି।

ସେହିଭଳି ମାଖନପୁର ପଞ୍ଚାୟତର ତରାଙ୍ଗ-ବକ୍ରେଶ୍ୱର ରାସ୍ତା, ଭୋଗୁପୁର-ଝିଙ୍କିରିଆ ରାସ୍ତା, ଗଣ୍ଡିବେଡ-ମାର୍କୋଣା ରାସ୍ତାର ରାଇକୁଳା, ଶ୍ରୀରାମପୁର ରାସ୍ତାରେ ପାଣି ପ୍ରବାହିତ ହେବା ଯୋଗୁ ୫୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣିଘେରରେ ରହିଛନ୍ତି। ଏହାଛଡା ଡାଲଙ୍ଗ ପଞ୍ଚାୟତର ଘଡେଇସାହି ପାଣିଘେରରେ ରହିଥିବାରୁ ୧୦ରୁ ଊର୍ଦ୍ଧ୍ୱ ପରିବାର ଘରୁ ବାହାରି ପାରୁନାହାନ୍ତି। ଶାରୀଶୁଆ ପାହାଡରେ ଖଣିଗୁଡିକରେ ଭର୍ତ୍ତି ହୋଇଥିବା ପାଣିକୁ ଖଣି ବ୍ୟାବସାୟୀମାନେ ମୋଟର ଲଗାଇ ପାଣି ନିଷ୍କାସନ କରି ନିକଟସ୍ଥ ଚାଷଜମିକୁ ଛାଡୁଥିବାରୁ ବ୍ୟାପକ ଭାବେ ଧାନଚାଷ ନଷ୍ଟ ହେଉଥିବା ନେଇ ଗଗୁଆ, ଗୁଆପାଳ ଗ୍ରାମର ଚାଷୀମାନେ ଅଭିଯୋଗ କରିଛନ୍ତି। ସେପଟେ ବର୍ତ୍ତନା ପଞ୍ଚାୟତ ମକରଧ୍ୱଜପୁର ଗ୍ରାମର ବୃଦ୍ଧ ପଞ୍ଚାନନ ବେହେରାଙ୍କ ଶରୀର ଅସୁସ୍ଥ ହୋଇପଡିବାରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ଗାଁ ରାସ୍ତାରେ ପାଣି ପ୍ରବାହିତ ହେଉଥିବାରୁ ଗାଁ ଲୋକ ଖଟିଆରେ ଟେକି ଟେକି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ।

ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ରାଜେଶ ହିର୍କେ ଉଦ୍ଧାର କାର୍ଯ୍ୟର ସମୀକ୍ଷା ପାଇଁ ଖଇରା ଗସ୍ତ ଅବସରରେ ଖଇରା ବ୍ଲକରେ ବ୍ୟାପକ ଚାଷ ଜମି ନଷ୍ଟ ହୋଇଥିବା ନେଇ ସାରୁଗାଁ ଗ୍ରାମର ଚାଷୀ ଅଦ୍ୱୈତ୍ୟ ପ୍ରସାଦ ଦାଶ ଅଭିଯୋଗ କରିବା ପରେ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ଟିମ୍ ଗଠନ କରାଯିବା ନେଇ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର ଜିଲା ଦାୟିତ୍ୱରେ ଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ବାତ୍ୟା ସମୀକ୍ଷା ପାଇଁ ଔପଦା ଓ ସିମୁଳିଆ ବ୍ଲକ ଗସ୍ତ କରିଥିଲେ ହେଁ ଖଇରା ବ୍ଲକକୁ ଉପେକ୍ଷା କରିବା ନେଇ ଖଇରାବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଗସ୍ତକୁ ଶହ ଶହ ବନ୍ୟା ପ୍ରପୀଡିତମାନେ ଅପେକ୍ଷା କରି ରହିଥିବା ବେଳେ ଗସ୍ତ ବାତିଲ ଖଇରାବାସୀଙ୍କୁ ନିରାଶ କରିଛି। ଖଇରାରେ ଦାନା ତାଣ୍ଡବ ରଚାଇଥିବା ବେଳେ ସରକାର ମୁକାବିଲାରେ ବିଫଳ ହୋଇଛନ୍ତି । ସାଧାରଣ ଲୋକଙ୍କ ପ୍ରଶ୍ନକୁ ସମ୍ମୁଖୀନ ହୋଇ ନ ପାରିବା ଭୟରେ ମନ୍ତ୍ରୀ ଆସିଲେ ନାହିଁ ବୋଲି ସିମୁଳିଆ ଯୁବକଂଗ୍ରେସ ସଭାପତି ନିରଞ୍ଜନ ପରିଡା କହିଛନ୍ତି। ରାସ୍ତାଘାଟରୁ ଗଛ ହଟାଇବା ପାଇଁ ଶୁକ୍ରବାର ସୁଦ୍ଧା ୮ଟି ଟିମ୍ ନିୟୋଜିତ ହୋଇଥିବା ବେଳେ ଶନିବାର ସୋରରୁ ଅନ୍ୟ ଏକ ଏନ୍‌ଡିଆରଏଫ୍ ଟିମ ପହଞ୍ଚିଥିବା ଜଣାଯାଇଛି। ଶନିବାର ସଂଧ୍ୟା ସୁଦ୍ଧା ମିଳିଥିବା ସୁଚନା ଅନୁଯାୟୀ ୧୪ଟି ଆଶ୍ରୟସ୍ଥଳରେ ୩ହଜାର ୯୫୫ଜଣ ରହିଥିବା ବେଳେ ଗଗନଧୁଳି ପଞ୍ଚାୟତ ରାଇପୁର କେନ୍ଦ୍ରରେ ଆଶ୍ରିତମାନଙ୍କୁ ଖାଦ୍ୟ ଦିଆଯାଉ ନ ଥିବା ନେଇ ସ୍ଥାନୀୟ ୱାର୍ଡସଭ୍ୟା ଅଭିଯୋଗ କରିଛନ୍ତି ।

# ବାତ୍ୟା ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ସୋର, ୨୬।୧୦(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡ଼େଇ ପ୍ରାଥମିକ ବିଦ୍ୟାଳୟ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ପରିଦର୍ଶନ କରି ବାତ୍ୟା ସ୍ଥିତି ସମୀକ୍ଷା କରିଛନ୍ତି। ଶନିବାର ମଧ୍ୟାହ୍ନରେ ମନ୍ତ୍ରୀ ରବିନାରାୟଣ ନାୟକ, ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସୋରର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ନାଏକ ସେଠାରେ ବାତ୍ୟା ସ୍ଥିତି ସମୀକ୍ଷା କରିଥିଲେ। ଯେଉଁ ଲୋକଙ୍କ ଘର ଭାଙ୍ଗିଛି ତୁରନ୍ତ ସେମାନଙ୍କୁ ପକ୍କା ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଏହି ସମୟରେ ବିଭାଗୀୟ ଅଧିକାରୀଙ୍କ ସମେତ ଜିଲା ପରିଷଦ ସଭ୍ୟ ଜୟନ୍ତ ସ୍ୱାଇଁ, ସରପଞ୍ଚ ସୌମେନ୍ଦ୍ର ଦାଶମହାପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିପଦସଙ୍କେତ ଟପିଲା କାଂଶବାଂଶ



ରାସ୍ତା ଉପରେ ପଡ଼ିଥିବା ଗଛ।

**ସିମୁଳିଆ, ୨୬।୧୦(ସନ୍ତୋଷ ନାୟକ)**

- ବିଦ୍ୟୁତ୍ ସେବା ବାଧାପ୍ରାପ୍ତ
- ସିମୁଳିଆ-ଖଇରା ଯୋଗାଯୋଗ ବିଚ୍ଛିନ୍ନ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ ପ୍ରବାହିତ କାଂଶବାଂଶ ନଦୀର ଜଳସ୍ତର ଶନିବାର ସନ୍ଧ୍ୟା ୫ଟା ସୁଦ୍ଧା ଅତିକ୍ରମ କରିଛି। ନଦୀର ବିପଦସଙ୍କେତ ୭.୫୦୩ମିଟର ଥିବାବେଳେ ଜଳସ୍ତର ୭.୭୦୫ରେ ପ୍ରବାହିତ ହେଉଛି। ଫଳରେ ନଦୀ ଉପକୂଳବର୍ତ୍ତୀ ନିଶ୍ଚନ୍ତା, ବାଉରିପଦା, କୁରକୁରିଆ, ବରିହା, ଭୁବନପୁର, ପାଟୁଳୀ, ନହରପଦା, ଦୀପ, ରାଧାବଲ୍ଲଭପୁର, ପଣ୍ଡୁ, ନୂଆବାଜ, ବରବାଙ୍କ, ମଙ୍ଗଳାସାହି, ନାୟକସାହି ପ୍ରମୁଖ ଅଞ୍ଚଳ ଜଳଘେରରେ ରହିଛି।

ଜାମୁଝାଡ଼ି ନିକଟସ୍ଥ ଶଙ୍ଖପୋଲ ବାରୁଣୀ ନିକଟରେ ନବନିର୍ମିତ ପୋଲର ଉଭୟ ପାର୍ଶ୍ୱକୁ ଠିକାଦାର ଖୋଳି ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦେଇଥିବାରୁ କାଂଶବାଂଶ ନଦୀର ଜଳବାଟି, ହରସିଂହପୁର, କବୀରପୁର, ଆଙ୍କୁଲା, କ୍ଷୀରକୋଣା, ବାଇଂଶିବାଟି, ଚାଲୁଣୀଗାଁ ପ୍ରମୁଖ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଜଳ ପ୍ରବେଶ କରିଛି। ସେହିପରି ମାର୍କୋଣା ଗଣ୍ଡିବେଡ଼ ରାସ୍ତାର ଆନନ୍ଦପୁର ନିକଟସ୍ଥ ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ଜଳ ପ୍ରବାହିତ ଯୋଗୁ ସିମୁଳିଆ-ଖଇରା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାତ୍ୟା ଯୋଗୁ ବିଭିନ୍ନ ରାସ୍ତାରେ ପଡ଼ିଥିବା ଗଛଗୁଡ଼ିକୁ ଓଡ୍ରାଫ୍ ଟିମ୍ ଓ ଅଡ଼ା ଦମକଳବାହିନୀ ଦ୍ୱାରା କାଟି ସଫା କରାଯାଉଛି। ଶୁକ୍ରବାର ଅପରାହ୍ନରେ ଓଡ୍ରାଫ ଟିମ୍ ପହଞ୍ଚିବା ପରେ ବିଭିନ୍ନ ୪ଟି ଦଳରେ ବିଭକ୍ତ କରାଯାଇ ବାଲିଖଣ୍ଡ, ବରି, ମାର୍କୋଣା ଓ ଜାମୁଝାଡ଼ି ରାସ୍ତାରୁ ଗଛ କାଟି ସଫେଇ କରାଯାଉଥିବାର ବିଡିଓ ସମ୍ବିତ କୁମାର କର ସୂଚନା ଦେଇଛନ୍ତି। ବିଧାୟକ ପଦ୍ମଲୋଚନ ପଣ୍ଡା ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରୁଥିବା ବେଳେ ଗୋ-ଖାଦ୍ୟ ଯୋଗାଇ ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଚାଲୁ ରହିଥିଲେ ହେଁ ଗତ ଗୁରୁବାର ରାତିରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ସମସ୍ତ ବ୍ଲକ ଅନ୍ଧାରରେ ରହିଛି। ଶନିବାର ସନ୍ଧ୍ୟା ସୁଦ୍ଧା ୨୧୦ମି.ମି. ବର୍ଷା ହୋଇଥିବା ସାଳନ୍ଦୀ କେନାଲ ଡିଭିଜନ୍‌ର ଏସ୍‌ଡିଓ ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି। ବାତ୍ୟାରେ ବଙ୍ଗାଳପୁର ଅଞ୍ଚଳର ଦାମୋଦର ମଲ୍ଲିକ, ବାଉରିପଦାର ମଲ୍ଲିକା ମଞ୍ଜରି ସାହୁ, କୈଳାସ ଦାସ, ବସନ୍ତ କୁମାର ଜେନା ପ୍ରମୁଖଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ସେହିପରି ସିମୁଳିଆ ବ୍ଲକର ଝାଟିଆ ନୋଡ଼ାଲ ପ୍ରାଇମେରୀ, ରଘୁନାରାୟଣ ହାଇସ୍କୁଲ, ଈଶ୍ୱରପୁର ୟୁଜିୟୁପି ସ୍କୁଲରେ ଗଛ ପଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।

# ପାଣିରେ ଭାସିଲା ପାଚିଲା ଧାନ

**ଦାନା ଭାଙ୍ଗିଦେଲା ଚାଷୀଙ୍କ ମେରୁଦଣ୍ଡ**



**ବାହାନଗା, ୨୬।୧୦(ଅରୂପ କୁମାର ଦାସ)**

ବାତ୍ୟା ଦାନା ଭାଙ୍ଗିଦେଇଛି ଚାଷୀଙ୍କ ମେରୁଦଣ୍ଡ। ପାଣିରେ ଭାସିଲା ପାଚିଲା ଧାନ। ବହୁ ଆଶା ନେଇ ଧାନ ଚାଷ କରିଥିବା ଚାଷୀର ଆଶା ପାଣିରେ ମିଳେଇଯାଇଛି।

ଚଳିତବର୍ଷ ବହୁ ବାଧାବିଘ୍ନରେ ଚାଷୀମାନେ ଧାନଚାଷ କରିଥିଲେ। ଠିକ୍ ସମୟରେ ବର୍ଷା ନ ହେବାରୁ ଚାଷୀମାନେ ପାଣି ନ ପାଇବା ଫଳରେ ଉଠାଜଳସେଚନ ମାଧ୍ୟମରେ ବିଳମ୍ବରେ ଧାନଚାଷ କରିଥିଲେ। ବିଳମ୍ବରେ ହୋଇଥିଲେ ଚାଷୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଫଳରେ ଧାନଚାଷ ଭଲ ହୋଇଥିଲା। ସେଥିନେଇ ଚାଷୀମାନଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ସେ ଖୁସି ଚାଷୀମାନଙ୍କର ବେଶୀ ସମୟ ରହିଲା ନାହିଁ। ଚଳିତବର୍ଷ ବାହାନଗା ବ୍ଲକ ଅଞ୍ଚଳରେ ୧୭ହଜାର ହେକ୍ଟର ଚାଷଜମିରେ ଧାନ ଚାଷ ହୋଇଥିଲା। ଯେଉଁ ଚାଷୀମାନେ ଆଗୁଆ ଧାନ ତଳି ରୋଇଥିଲେ ସେମାନଙ୍କର ଧାନ ପଚିଯାଇଥିବାରୁ ସେସବୁ ଧାନ ଗଛ ଦାନା ବାତ୍ୟାରେ ପବନ ହେବା ଫଳରେ ସବୁ ପାଚିଲା ଧାନ ପାଣିରେ ପଡିଯାଇଛି। ଯେବେଳ ପାଚିଲା ଧାନ ନୁହେଁ ଧାନ ବାହାରି ଆହାର ନେଇଯାଇଥିବା ଧାନ ଗଛ ସବୁ ପାଣିରେ ଶୋଇଛି। ଫଳରେ ଚାଷୀମାନେ ହତାଶ ହୋଇପଡିଛନ୍ତି। ବରିପଦା ପଞ୍ଚାୟତ କରଞ୍ଜବିନ୍ଧା ଗ୍ରାମର କୁଳମଣି ପଣ୍ଡା, ସନ୍ତୋଷ କୁମାର ଦାସ, ଅରୁଣ ଜେନା, ଦୟାନିଧି ଶଙ୍ଖୁଆ, ଗୋପାଳପୁର ପଞ୍ଚାୟତର ଅପିତିର ଗ୍ରାମରେ ବିଶିକେଶନ ପାଢ଼ୀ, ମଣିଭଦ୍ର ଦାଶ, ଲକ୍ଷ୍ମୀଧର ଜେନା, ଅଭୟ ମହାନ୍ତି, ପ୍ରଶ୍ନ ଦାଶ, ଭାରତ ଜେନା, ଗଗନ ବିହାରୀ ପାଢ଼ୀ, ଲମ୍ବୋଧର ପାଢ଼ୀ, ତାଳକୁରୁଣିଆ ପଞ୍ଚାୟତ ହରିପୁର ଗ୍ରାମର ଚାଷୀ ସହଦେବ ମହାକୁଡ଼, ଶଙ୍କର ମହାକୁଡ଼ ପ୍ରମୁଖଙ୍କ ଧାନ ଗଛ ପାଣିରେ ଶୋଇଛି। ଏ ବାବଦରେ ସମ୍ପୃକ୍ତ ଚାଷୀମାନେ ଏହି କ୍ଷୟକ୍ଷତି ବାବଦରେ ସରକାର ତୁରନ୍ତ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ବାବଦରେ ଅତିରିକ୍ତ କୃଷି ସହାୟକ ଅଧିକାରୀ ରଙ୍ଗନାଥ ପାତ୍ର କହିଛନ୍ତି, କେତେକଣ କ୍ଷତି ହୋଇଛି, ତଦନ୍ତ ଆରମ୍ଭ ହୋଇଛି। ସେ ପାଖରେ ବୀମା କରାଯାଇଥିବାରୁ ବୀମା କର୍ମଚାରୀମାନେ ମଧ୍ୟ ତଦନ୍ତ କରୁଛନ୍ତି।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



ବନ୍ୟାଞ୍ଚଳ ପରିଦର୍ଶନରେ ବିଧାୟକ ମାନସ କୁମାର ଦତ୍ତ।

**ବାଲେଶ୍ୱର, ୨୬।୧୦(ବାଞ୍ଛାନିଧି ଦେ)**

ବାତ୍ୟା 'ଦାନା' ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲାରେ ପ୍ରବାହିତ ବୁଢାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ରେମୁଣା ଓ ସଦର ବ୍ଲକ ଅଧୀନ ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରି ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ବଇଞ୍ଚା-ଟିଆଖିଆ ମୁଖ୍ୟରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ବୋଟ୍ ଯୋଗେ ବିଭିନ୍ନ ପଞ୍ଚାୟତରେ ପହଞ୍ଚି ପାଣିଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିଥିଲେ। ବନ୍ୟାଞ୍ଚଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିବାରଙ୍କୁ ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀକୁ ନେବା ପାଇଁ ଜିଲା ପ୍ରଶାସନକୁ ସେ ପରାମର୍ଶ ଦେଇଥିଲେ। ବନ୍ୟା ପରିସ୍ଥିତି ସୁଧୁରିବା ପର୍ଯ୍ୟନ୍ତ ଲୋକଙ୍କୁ ସୁଷମ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା ପ୍ରଦାନ ପ୍ରଦାନ କରିବା ଦିଗରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସେହିପରି ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ବନ୍ୟାଞ୍ଚଳ ପରିଦର୍ଶନ କରି ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ସମସ୍ୟାର ସମାଧାନ କରିଥିଲେ। କସିମିଳା ନିକଟରେ ପାଣି ଘେରରେ କେହି ଲୋକ ଥିବା ଖବର ପାଇ ସେ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହ ପାୱାରବୋଟ୍ ଯୋଗେ ଭିତରକୁ ଯାଇଥିଲେ। ଅପରପକ୍ଷରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସ୍‌ପି ରାଜ ପ୍ରସାଦ ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି। ଅଗ୍ନିଶମ, ଓଡ୍ରାଫ ଓ ଏନଡିଆରଏଫ ଟିମ୍‌ଗୁଡ଼ିକ ବନ୍ୟାଞ୍ଚଳରେ ପ୍ରସ୍ତୁତ ରହିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

# ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ୫୫ ହାତୀ

**ଜଳେଶ୍ୱର, ୨୬।୧୦(ରବିନାରାୟଣ ପାତ୍ର)**

**ଦଳିଚକଟି ନଷ୍ଟ କରୁଛନ୍ତି ଧାନ କିଆରି**

୫୫ ଟିକିଆ ହାତୀଦଳ ଗତ ୫ଦିନ ଧରି କେନ୍ଦୁଖୁଣ୍ଟା ଓ ଲୁହାପଡା ଜଙ୍ଗଲ ଅଞ୍ଚଳରେ ରହିଛନ୍ତି। କେତେବେଳେ ଓଡ଼ିଶାରେ ତ କେତେବେଳେ ପଶ୍ଚିମବଙ୍ଗ ଅଞ୍ଚଳରେ ଧାନ ଓ ପରିବା ଚାଷ ନଷ୍ଟ କରିଆସୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ହାତୀଗୁଡିକ ପଶ୍ଚିମବଙ୍ଗର ଶାଳଗଡିଆ ଅଞ୍ଚଳରୁ ଆସି ଓଡିଶାର କୁଣ୍ଡଳବଣି ଜଙ୍ଗଲରେ ପହଞ୍ଚିଛନ୍ତି। ନିକଟରେ ଓଡିଶାର କେନ୍ଦୁଖୁଣ୍ଟା, କୁଶଗଡ, କଙ୍କଡାଫେରା, ବେଗୁନିଆ, ଛୋଟ ବେଗୁନିଆ ଓ ମହୁଡୁମା ଗ୍ରାମ ରହିଥିବାରୁ ସେ ଅଞ୍ଚଳରେ କ୍ଷୟକ୍ଷତି ଘଟାଇ ଆସୁଛନ୍ତି। ବିଦ୍ୟୁତ୍‌କାଟ ଯୋଗୁ ଅନ୍ଧକାରରେ ଦୁଇ ରାଜ୍ୟ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ କଷ୍ଟରେ କାଳାତିପାତ କରୁଛନ୍ତି। ପଶ୍ଚିମବଙ୍ଗର ବନକର୍ମଚାରୀ ହାତୀଗୁଡିକୁ ଘଉଡାଇ ଦେବାରୁ ସେମାନେ ରାଇବଣିଆ ଅଞ୍ଚଳରେ ପ୍ରବେଶ କରିଛନ୍ତି। ସେହିପରି ଜଳେଶ୍ୱର ରେଞ୍ଜର ବନକର୍ମଚାରୀ, ସବୁଜବାହିନୀ, ହାତୀସାଥି ଓ ଗଜସାଥୀଙ୍କ ସହିତ ଗ୍ରାମବାସୀ ରଘୁବୀର ପାତ୍ର, ସୁବାଷ ଘୋଷ, ସୁଶାନ୍ତ ଦାସ, ଅଭିମନ୍ୟୁ ଦାସ, ସାଗରଜିତ୍ ମାରାଣ୍ଡି ପ୍ରମୁଖ ହାତୀଗୁଡିକୁ ବାଟ ଓଗାଳି ପୁଣି ପଶ୍ଚିମବଙ୍ଗକୁ ଫେରାଇବାକୁ ଚେଷ୍ଟା କରୁଥିବା ଜଣାଯାଇଛି । ଦୀର୍ଘ ୫ଦିନ ଧରି ହାତୀଗୁଡିକ ବାରମ୍ବାର ଆସିବା ସହିତ ଧାନଗଛକୁ ଦଳି ଚକଟି ନଷ୍ଟ କରି ପକାଉଛନ୍ତି। ଛୋଟ ହଳଦୀଗୁଣ୍ଡି ଗାଁର ଉପେନ୍ଦ୍ର ପାତ୍ର, ହୃଷିକେଶ ପାତ୍ର ଚାଷଜମି ଦେଇ ହାତୀପଲ ଗଲା ବେଳେ ଧାନ ଗଛକୁ ଦଳି ମକଚି ମାଟିରେ ଘାଣ୍ଟି ଦେଇଛନ୍ତି। ଏସବୁ ଅଞ୍ଚଳରେ ହାତୀ ଥିବାରୁ ଲୋକମାନେ ସାବଧାନ ରହିବାକୁ ବନବିଭାଗ ସଚେତନ କରିଛନ୍ତି। ଦୁଇ ରାଜ୍ୟର ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏ ସମ୍ପର୍କରେ ସମାଧାନ ପାଇଁ ଦାବି ହେଉଛି।



ହାତୀପଲ କ୍ଷେତରେ ପଶି ଦଳି ଚକଟି ନଷ୍ଟ କରୁଛନ୍ତି।

# ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ମୋରଡ଼ା, ୨୬।୧୦(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରୁ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଚଳିତ ମାସ ୧୫ ତାରିଖରେ ନାବାଳିକାଙ୍କୁ ଅପହରଣ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ମୋରଡ଼ା ଥାନା ପୋଲିସ ଏକ ମାମଲା (ନଂ.୨୯୪/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ବୈଶିଙ୍ଗା ଥାନା ଅଞ୍ଚଳରୁ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି। ନାବାଳିକାଙ୍କୁ ଉଦ୍ଧାର କରି ପ୍ରଥମେ କିଶୋର ନ୍ୟାୟ ପରିଷଦରେ ହାଜର ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଲଜିଷ୍ଟିକ ଗାଡ଼ିରେ ୧୯ କେଜି ସୁନା ଯାଞ୍ଚ

**ବାରିପଦା, ୨୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାଣିଜ୍ୟକର ଓ ଦ୍ରବ୍ୟ, ସେବାକର ପ୍ରବର୍ତ୍ତନ ୟୁନିଟ ଏନଫୋର୍ସମେଣ୍ଟ ଟିମ୍ ବାରିପଦା ଲାଲବଜାର ଅଞ୍ଚଳର ଏକ ଗହଣା ଦୋକାନ ସମ୍ମୁଖରେ ଛିଡ଼ା ହୋଇଥିବା ଲଜିଷ୍ଟିକ ଗାଡ଼ିରେ ୧୯ କେଜିର ସୁନା ଯାଞ୍ଚ କରିଛି। ଏହାକୁ ନେଇ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ସୁନାଗହଣା ନେଇ ଆସିଥିବା ଲଜିଷ୍ଟିକ ଗାଡ଼ିରେ ବିପୁଳ ପରିମାଣର ସୁନା ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ବିଭାଗୀୟ ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏହାକୁ ନେଇ ଡେପୁଟି କମିଶନର କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଏନଫୋର୍ସମେଣ୍ଟ ଟିମ୍ କୋଲକାତାରୁ ବାରିପଦାକୁ ସୁନା ଦେବାକୁ ଆସିଥିବା ଗାଡ଼ିକୁ ଶୁକ୍ରବାର ବିଳମ୍ବିତ ରାତିରେ ଅଟକ ରଖିଥିଲେ। ଗାଡ଼ିକୁ ବିଭାଗୀୟ କାର୍ଯ୍ୟାଳୟକୁ ଅଣାଯାଇ ଶନିବାର ସକାଳୁ ସୁନା ବାହାର କରାଯାଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସୁନା ଗହଣା ମୁମ୍ବାଇରୁ ବିମାନ ଯୋଗେ କୋଲକାତା ଅଣାଯାଇ ସେଠାରୁ ବାରିପଦା, ଉଦଳା, ବାଲେଶ୍ୱର ଆଦି ଅଞ୍ଚଳରେ ସୁନା ଅଳଙ୍କାର ବ୍ୟବସାୟୀମାନଙ୍କୁ ଦେବାକୁ ଆସିଥିଲା। ଏହି ଗହଣା ଗାଡ଼ିରୁ ବାହାର କରି କାଗଜପତ୍ର ଯାଞ୍ଚ ସହ ଓଜନ କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ବାରିପଦାର ୩ ଓ ବାଲେଶ୍ୱର ଜିଲାର ୪ଜଣଙ୍କୁ ମିଶାଇ ମୋଟ ୭ ବ୍ୟବସାୟୀ ଜିଏସ୍‌ଟି କାର୍ଯ୍ୟାଳୟରେ ପହଞ୍ଚି ପ୍ରମାଣପତ୍ର ସହ ବ୍ୟାଙ୍କ ଡିପୋଜିଟ ରିପୋର୍ଟ ଓ ପରିଚୟପତ୍ର ଦେଇ ନିଜ ଗହଣା ନେଇଛନ୍ତି। ସୁନା ଅଳଙ୍କାରଗୁଡ଼ିକର କାଗଜପତ୍ର ଠିକ୍ ଥିବା ନେଇ କୋଲକାତାର ଜଣେ ଆଇନଜୀବୀ ଇ-ମେଲ୍ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଛନ୍ତି।

ତେବେ ଯାଞ୍ଚ ସମୟରେ ଗାଡ଼ିକୁ ତିନିଦିନ ଅଟକାଇବାର ନିୟମ ରହିଛି। ରବିବାର ସନ୍ଧ୍ୟା ସୁଦ୍ଧା ଏହା ପୂରଣ ହେଉଥିବାରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ସୁନା ବ୍ୟବସାୟୀଙ୍କୁ ଆବଶ୍ୟକ କାଗଜପତ୍ର ଦର୍ଶାଇ ସୁନା ଅଳଙ୍କାର ନେବାକୁ ସୂଚନା ଦିଆଯାଇଛି। ସୁନା ଯାଞ୍ଚ ସମୟରେ ପୋଲିସ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ଅଳଙ୍କାରଗୁଡ଼ିକର ଓଜନ, କାଗଜପତ୍ର ଆଦିର ରିପୋର୍ଟ ରଖାଯାଉଛି ବୋଲି ଡେପୁଟୀ କମିଶନର କୁଳମଣି ମଲ୍ଲିକ କହିଛନ୍ତି।

# ଲଗାଣ ବର୍ଷାରେ ଆନନ୍ଦପୁର ବେହାଲ

**'ଦାନା' ପରବର୍ତ୍ତୀ ଦୁର୍ଦ୍ଦଶା**
- ଗଛ ପଡ଼ି ବହୁ ଘର ଭାଙ୍ଗିଲା
- ପରିବା ଦର ଆକାଶଛୁଆଁ
- ଯନ୍ତ୍ରଣା ବଢ଼ାଇଛି ବିଦ୍ୟୁତ୍ କାଟ

ଆନନ୍ଦପୁର/ ରାମଚନ୍ଦ୍ରପୁର/ ହାଟଡ଼ିହୀ,୨୬।୧୦ (ସୁଶାନ୍ତ କୁମାର ସାହୁ/ ଗଣେଶ୍ୱର ସା/ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ବାତ୍ୟା 'ଦାନା' ପ୍ରଭାବରେ ଲଗାଣ ବର୍ଷା ଲାଗି ରହିଛି। ଆନନ୍ଦପୁର ଓ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି। ବାତ୍ୟା ପ୍ରଭାରେ ଉପଖଣ୍ଡରେ ଅନେକ ଘର ଭାଙ୍ଗିଥିବା ଜଣାପଡ଼ିଛି। ଲଗାଣ ବର୍ଷାକୁ ଘନ ଘନ ବିଦ୍ୟୁତ୍ କାଟ ଯନ୍ତ୍ରଣାକୁ ୨ ଗୁଣ କରିଦେଉଛି। ଶନିବାର ମଧ୍ୟ ହାଲକା ବର୍ଷା ହେଉଥିବାରୁ ତଳିଆ ଅଞ୍ଚଳର ଅନେକ ଲୋକ ବାତ୍ୟା ଆଶ୍ରୟସ୍ଥଳରେ ରହିଛନ୍ତି। ବାତ୍ୟାର ସୁଯୋଗ ନେଇ କେତେଜଣ ଅସାଧୁ ବ୍ୟବସାୟୀ ପରିବା ଦର ବୃଦ୍ଧି କରିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଆନନ୍ଦପୁର ଉପଖଣ୍ଡରେ ଗୁରୁବାର ଅପରାହ୍ନଠାରୁ ବର୍ଷା ଲାଗିରହିଛି। ଶନିବାର ଟିକିଏ କମିଥିଲେ ହେଁ ଉପରେ ମୁଣ୍ଡରେ ମଧ୍ୟମ ଧରଣର ବର୍ଷା ହେବାରୁ ବୈତରଣୀ ନଦୀ ଓ କୁଶେଇ ନଦୀର ଜଳସ୍ତର ସାମାନ୍ୟ ବୃଦ୍ଧି ପାଇଛି। ଆଶ୍ରୟସ୍ଥଳରେ ଥିବା ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ବାତ୍ୟା ପ୍ରଭାବରେ ପନ୍ଦାଡ଼, ଆମ୍ବୋ ହରିଜନ ସାହି, ଅଁରା, ପଣସଡ଼ିହା, ଶୈଲଙ୍ଗ, ଖଡିପ୍ରାଳ, ବାତୋ ଶାଳପଡ଼ାରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ସ୍ଥାନୀୟ ଲୋକେ ଏବଂ ଓଡ୍ରାଫ ଟିମ୍, ଅଗ୍ନିଶମ କର୍ମଚାରୀ ଗଛ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଶନିବାର ମଧ୍ୟାହ୍ନରୁ ବର୍ଷା ସ୍ୱାଭାବିକ ହୋଇଥିବା ବେଳେ ପରିବା ଦୋକାନରେ ଲୋକଙ୍କ ଭିଡ଼ ଜମିଛି। ଲଗାଣ ବର୍ଷା ଯୋଗୁ ଯାତ୍ରୀବାହୀ ବସ୍ ଚଳାଚଳରେ ବ୍ୟାଘାତ ହୋଇଥିଲା। ଶନିବାର ହାତଗଣତି କେତୋଟି ବସ୍ ଚଳାଚଳ କରିଥିଲା। ବିଦ୍ୟୁତ୍ କାଟ ଯୋଗୁ ପାନୀୟଜଳ ଯୋଗାଣରେ ସମସ୍ୟା ଉପୁଜିଥିଲା। ଅନ୍ୟପକ୍ଷେ ବଜାରରେ ଅହେତୁକ ପରିବା ଦର ବୃଦ୍ଧି ଯୋଗୁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ୍ ପଞ୍ଚପୁଲ୍ଲୀ ପଞ୍ଚାୟତ ପଞ୍ଚପୁଲ୍ଲୀ ଗ୍ରାମର ହରିଜନସାହିରେ ଏକ ବିରାଟ ପୁଟିଆ ଗଛ ଉପୁଡ଼ି ଚରଣ ଜେନାଙ୍କ ଘର ଉପରେ ପଡ଼ିଥିଲା। ପରିବାରର ୫ ଜଣ ଅଳ୍ପକେ ବର୍ତ୍ତିଯାଇଥିଲେ। କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମର ନିତ୍ୟାନନ୍ଦ ଜେନାଙ୍କ ଘର କାନ୍ଥ ପଡ଼ିଯାଇଥିଲା। ଏଥିସହ ହାଟଡ଼ିହୀ ବ୍ଲକ୍‌ର ୧୯ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ରାସ୍ତା ନଷ୍ଟ ହୋଇଯାଇଛି। ଅନେକ ହେକ୍ଟର ଧାନ କ୍ଷେତ ପାଣିରେ ବୁଡ଼ିଯାଇଛି। କଣ୍ଟିପାଳ ମଠସାହିର ସୁଦର୍ଶନ ପଲେଇଙ୍କ ଚାଳ ଛପର ଉଡ଼ିଯାଇଛି, ବିରିଡିହା ଗ୍ରାମର ରାଜେନ୍ଦ୍ର ସାହୁ, ସୁଦର୍ଶନ ସାହୁଙ୍କ ଘର ଟାଇଲ ଭାଙ୍ଗିଯାଇଥିବା ବେଳେ ଭାସ୍କର ସାହୁ, କାମଦେବ ଜେନାଙ୍କ ଗୁହାଳ ଘରେ ଗଛ ପଡ଼ି ଭାଙ୍ଗିଯାଇଛି। ଏ ବିଷୟରେ ସ୍ଥାନୀୟ ଆର୍‌ଆଇ ବିଜୟଲକ୍ଷ୍ମୀ ଜେନାଙ୍କୁ ଅବଗତ କରାଯାଇଛି। ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ କହିଛନ୍ତି, ଘର ଭାଙ୍ଗିଥିବା ଲୋକ ଭୟ କରିବାର କିଛି ନାହିଁ, ତହସିଲଦାରଙ୍କୁ ଅବଗତ କରନ୍ତୁ, ସେ ସମସ୍ତ ପ୍ରକାର ବ୍ୟବସ୍ଥା କରିଦେବେ। ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ବଳ କହିଛନ୍ତି, ଆର୍‌ଆଇଙ୍କ ସହ କଥା ହୋଇ ତୁରନ୍ତ ଏହି ପରିବାରକୁ ଆବଶ୍ୟକ ଅନୁଯାୟୀ ସହଯୋଗ କରାଯିବ।


ବାତ୍ୟା ଦାନା ପ୍ରଭାବରେ ଭାଙ୍ଗିଯାଇଥିବା ଘର।

# କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ


ଅଧିକାରୀ ଚାଷ ଜମି ବୁଲି ନିରୀକ୍ଷଣ କରୁଛନ୍ତି।

ରାମଚନ୍ଦ୍ରପୁର,୨୬।୧୦(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ଥିବା ଚାଷ ଜମିଗୁଡ଼ିକ ବାତ୍ୟା ଯୋଗୁ ପ୍ରଭାବିତ ହୋଇଛି। ଏ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ ଭିଏଡବ୍ଲ୍ୟୁ ରାଜଶ୍ରୀ ସାହୁ ଏବଂ କୃଷକ ସାଥି ସୁଦାମ ସାହୁ ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ଅଞ୍ଚଳର ବିଭିନ୍ନ ଚାଷ ଜମିରେ ପହଞ୍ଚି ଚାଷ କ୍ଷେତ ଅନୁଧ୍ୟାନ କରିଥିଲେ। ସୂଚନା ଅନୁଯାୟୀ, ଆନନ୍ଦପୁର ବ୍ଲକ୍ ଅଧୀନ ପଞ୍ଚୁପଲ୍ଲୀ, ବାଇଲୋ, ହରିଡ଼ାପାଳ, ବେଲବାହାଳି, ଜଳସୁଆଁ ପଞ୍ଚାୟତରେ ବ୍ୟାପକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି। ଏବେ ବିଲରେ ଆଣ୍ଠୁଏ ଲେଖାଏ ପାଣି ଜମିଛି। ଧାନ ପାଚି ଆସୁଥିବାରୁ ବ୍ୟାପକ କ୍ଷତି ହେବା ଆଶଙ୍କା ରହିଛି। ବିଜୟ ଘଡ଼େଇ, ରଞ୍ଜନ ଘଡ଼େଇ, ସୁଦର୍ଶନ ଘଡ଼େଇ, ଟୁନୁ ଚରଣ ଦାସ, ରବୀନ୍ଦ୍ର ଦାସ, କାହ୍ନୁ ଚରଣ ଦାସ, ଶରତ ଦାସ, ବିମ୍ବାଧର ଓଝା, ହରିହର ଓଝା, ଗୌରାଙ୍ଗ ଓଝା, ବଳରାମ ଓଝା, ଜଳଧର ବାରିକ କହିଛନ୍ତି, ପାଣିରେ ବୁଡି ରହିଥିବା ଧାନକୁ ଅମଳ କରି ହେବ ନାହିଁ। ସବୁ ଧାନ ନଷ୍ଟ ହେବା ସହ ଚଳିତ ବର୍ଷ ଅନେକ କ୍ଷତି ହେବାର ଆଶଙ୍କା ରହିଛି। ଭିଏଡବ୍ଲ୍ୟୁ ସାହୁ କହିଛନ୍ତି, କ୍ଷୟକ୍ଷତିର ଆକଳନ କରାଯାଇଛି। ଉପରସ୍ତ ଅଧିକାରୀଙ୍କୁ ରିପୋର୍ଟ କରାଯିବ।

## ଚୋରି ଅଭିଯୁକ୍ତଙ୍କୁ ଜେଲଦଣ୍ଡ

ଚମ୍ପୁଆ,୨୬।୧୦(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଏସ୍‌ଡିଜେଏମ ଦୀପକ ସାଥୁଆ ଏକ ଚୋରି ମାମଲାର ବିଚାର କରିଛନ୍ତି। ଅଭିଯୁକ୍ତ ମାନସ ମୁଣ୍ଡା ଓ ପିର ମୁଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ୧୫ ଜୁନ୍ ୨୦୨୦ରେ ଝୁମ୍ପୁରା ଥାନା ଦୁର୍ଗାପୁର ଗ୍ରାମର ୟୁପିବିଦ୍ୟାଳୟରେ ଓ ବଜାର ମଧ୍ୟରେ ଲାଗିଥିବା ସୋଲାର ଲାଇଟ୍, ବ୍ୟାଟେରି ଓ ପ୍ଲେଟ୍ ଚୋରି ହୋଇଥିଲା। ଏ ନେଇ ଝୁମ୍ପୁରା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୬୯/୨୦)ରୁଜୁ କରିଥିଲା। ଅର୍ଶଳା ଗ୍ରାମର ମାନସ ମୁଣ୍ଡା ଓ ପିର ମୁଣ୍ଡାଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଥିଲା। ୭ ଜଣ ସାକ୍ଷୀ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉଭୟଙ୍କୁ ଉପରକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମକଦମାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରିୟନାଥ ପତି ଓ କିଶୋରକିଶାନ ପରିଚାଳନା କରୁଥିଲେ।

## ଖଣ୍ଡବନ୍ଧ ଲୌହ ଖଣି ମଜଦୁର ସଂଘର କର୍ମକର୍ତ୍ତା ନିର୍ବାଚନ

ଯୋଡ଼ା,୨୬।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଖଣିରେ ଥିବା ମଜଦୁର ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସୁଜ୍ଞାନ ପ୍ରକାଶ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରେମାନନ୍ଦ ମହାନ୍ତ, ସହ ସଭାପତି ରୂପକ କୁମାର ମଲ୍ଲିକ, ଉପ ସଭାପତିବାପିବାରିକ, ସାଧାରଣ ସମ୍ପାଦକ ପ୍ରାଣବଲ୍ଲଭ ମହାନ୍ତି, ସହ ସମ୍ପାଦକ ଯଯାତି ମହାନ୍ତ, ସଂଗଠନ ସମ୍ପାଦକ ମିଥୁନ କୁମାର କାରୁଆ ଓ କୋଷାଧ୍ୟକ୍ଷ ଭାବେ ଗୋପୀନାଥ ମହାନ୍ତ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ପ୍ରତ୍ୟକ୍ଷ ଭାବେ ଖଣିର ଶ୍ରମିକମାନେ ଭୋଟ ଦେଇଥିବା ବେଳେ ଶମ୍ଭୁ ଶରଣ ପ୍ରସାଦ ସିଂ ନିର୍ବାଚନ ଅଧିକାରୀ ଭାବେ ଏହାକୁ ପରିଚାଳନା କରିଥିଲେ।

## ପ୍ରଶିକ୍ଷଣ ନେଲେ ୬୦୦ କ୍ୟାଡେଟ୍

### ଏନ୍‌ସିସି ତାଲିମ ଶିବିର ଉଦ୍‌ଯାପିତ

କେନ୍ଦୁଝର,୨୬।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝରସହରସ୍ଥିତ ପୁରୁଣା ବଜାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପରିସରରେ ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ଆୟୋଜିତ ୧୦ ଦିନିଆ ଏନ୍‌ସିସି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କମାଣ୍ଡିଂ ଅଫିସର ଲେଫ୍‌ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ ଅଧ୍ୟକ୍ଷତା କରି ଦେଶ ମାତୃକାର ସେବା କରିବା ପାଇଁ ସର୍ବଦା ଆଗଭର ହେବାକୁ ଏନ୍‌ସିସି କ୍ୟାଡେଟ୍‌ଙ୍କୁ ଉତ୍ସାହିତ କରିଥିଲେ। ଅକ୍ଟୋବର ୧୭ରୁ ଆରମ୍ଭ ହୋଇଥିବା ଶିବିରରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ପାଖାପାଖି ୬୦୦ କ୍ୟାଡେଟ୍ ଯୋଗଦେଇ ଶାରୀରିକ ଶିକ୍ଷା, ଡ୍ରିଲ, ମ୍ୟାପ ରିଡ଼ିଂ, ଜାତୀୟ ସଂହତି, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ସାଇବର ସଚେତନତା, ବିକାଶ ଓ ବନ୍ଧୁକ ଚାଳନା ଆଦି ପ୍ରଶିକ୍ଷଣ ନେଇଥିଲେ। ୧୨ ଏନ୍‌ସିସି ଅଫିସର, ୧୦ ପିଆଇ ଷ୍ଟାଫ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ କମାଣ୍ଡିଂ ଅଫିସର ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଏବଂ ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ ପୁରସ୍କୃତ କରିଥିଲେ।

# ଉତ୍ପାତ କରୁଛି ଗୋଠଛଡ଼ା ଦନ୍ତା


ହାତୀ ନଷ୍ଟ କରିଥିବା ଧାନବିଲ।

ଚମ୍ପୁଆ,୨୬।୧୦(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ରେଞ୍ଜର ଚମ୍ପୁଆ ସେକ୍ସନରେ ଗୋଠଛଡ଼ା ଦନ୍ତାହାତୀର ଉପଦ୍ରବ ବଢ଼ିବାରେ ଲାଗିଛି। ଏପଟେ ବାତ୍ୟା ପ୍ରଭାବରେ ଧାନବିଲକୁ ସୁରକ୍ଷା ଦେବାରେ ଚାଷୀ ଉଦ୍ୟମ କରୁଥିବା ବେଳେ ବନବିଭାଗକୁ ଚକମା ଦେଖାଇ ରାତିଅଧରେ ଧାନବିଲରେ ପଶି ଦନ୍ତା ଧାନଫସଲ ଉଜାଡ଼ିବାରେ ଲାଗିଛି। ଯାହାଫଳରେ ଚାଷୀ ରାତି ଉଜାଗର ହୋଇ ଫସଲ ଜଗୁଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ସେକ୍ସନର ଅଢଙ୍ଗାପାଳ, ମଙ୍ଗଳପୁର, ଜଡ଼ିପଦା ଅଞ୍ଚଳରେ ରାତିହେଲେ ଗୋଠଛଡ଼ା ଦନ୍ତାର ଉତ୍ପାତ କରୁଛି। ଦିନରେ ଝାଡ଼ଖଣ୍ଡ ଅଞ୍ଚଳକୁ ପଳାଉଥିବା ବେଳେ ରାତିରେ ପୁଣି ନଦୀକୂଳ ଧାନବିଲରେ ପଶି ଦଳିଚକଟି ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ବନପାଳ ସୁନିତା ବାଘେଲଙ୍କୁ ପଚାରିବାରୁ କହିଛନ୍ତି, ହାତୀ ଉପରେ ବନବିଭାଗ ନଜର ରଖିଛି।

## ୧୩୦ ଗୋରୁ ଉଦ୍ଧାର, ଜଣେ ଅଟକ

ଢେଙ୍କିକୋଟ,୨୬।୧୦(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ଢେଙ୍କିକୋଟ ମଣ୍ଡଳସାହି ନିକଟରୁ ଶନିବାର ଘଟଗାଁ ପୋଲିସ ୧୩୦ ଗୋରୁ ଉଦ୍ଧାର କରିଛି। ଗୋଚାଲାଣ ଅଭିଯୋଗରେ ଜଣକୁ ଅଟକ ରଖାଯାଇଛି। ପ୍ରକାଶ ଯେ, ଘଟଗାଁ ବ୍ଲକ୍ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସଲିମ ବସ୍ତିରୁ ଗୋରୁ ବେଆଇନ ଭାବେ ଜଙ୍ଗଲ ରାସ୍ତା ଦେଇ ଝାଡ଼ଖଣ୍ଡ ରାଜ୍ୟ ଟାଟା ନଗରକୁ ଚାଲାଣ ହେଉଥିଲା। ଅଭିଯୋଗ ପାଇବା ପରେ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ଘଟଣା ସମ୍ପର୍କରେ ଉପରିସ୍ଥ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ହରିଚନ୍ଦନପୁର ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ବାର୍ତ୍ତା, ପାଟଣା ଥାନା ଅଧିକାରୀ ଉଦୟବୀର କୁଲୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ଘଟଗାଁ ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ ପହଞ୍ଚି ଗୋରୁ ଗୋଶାଳାକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଏ ସମ୍ପର୍କରେ ଘଟଗାଁ ଥାନା ଆଇଆଇସି ଜେନା କହିଛନ୍ତି, ସବୁ ଗୋରୁଙ୍କୁ ଗୋଶାଳାକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି।



## ୨୨ ଘର ଭାଙ୍ଗିଲା, ଧାନ ଫସଲ ନଷ୍ଟ ଆଶଙ୍କା

ପାଟଣା,୨୬।୧୦(ବୀରକିଶୋର ଦାଶ)

ବାତ୍ୟା 'ଦାନା'ର ପ୍ରଭାବରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ବ୍ୟାପକ କ୍ଷତି ହୋଇଛି। ଅଞ୍ଚଳରେ ୨୧ କଚାଘର ଆଂଶିକ ଭାଙ୍ଗିଥିବା ପାଟଣା ତହସିଲ ସୁପରଭାଇଜର ବନମାଳି ନାୟକ କହିଛନ୍ତି। ଅନେକ ଧାନ କ୍ଷେତରେ ପାଣି ଜମି ରହିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା କରାଯାଉଛି।

ପ୍ରକାଶ ଯେ, ସରାସ କୋଲା, ମୂଷାଖୋରି ଓ କେନ୍ଦେପଶି ଆରଆଇ ସର୍କଲରେ ବାତ୍ୟା ପରବର୍ତ୍ତୀ ବର୍ଷା, ପବନରେ ୨୧ ଜଣଙ୍କ ଘର ଭାଙ୍ଗିଛି। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ପଲିଥିନ ଯୋଗାଇ ଦିଆଯାଇଥିବା ପାଟଣା ବିଡିଓ ଶିବ ଶଙ୍କର ମୁର୍ମୁ କହିଛନ୍ତି। ସେହିଭଳି ସାହାରପଡ଼ା ତହସିଲର ୧୩୮ ରାଜସ୍ୱ ଗ୍ରାମ ମଧ୍ୟରୁ କେବଳ ଦାମାହୁଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ଆଜବେଷ୍ଟସ ଘର ଉପରେ ଗଛ ଡାଳ ପଡ଼ିଯିବାରୁ ଘର ଭାଙ୍ଗିଥିବା ତହସିଲଦାର ପରମା ନନ୍ଦ ଖଣ୍ଡେଇ କହିଛନ୍ତି। ଶନିବାର ମଧ୍ୟ ଝିପି ଝିପି ବର୍ଷା ସହ କୋହଲା ପାଗ ଲାଗି ରହିଥିଲା। ଅପରାହ୍ନରେ ବୃଷ୍ଟିପାତ ପରିମାଣ ହ୍ରାସ ପାଇଛି। ବର୍ଷା ପ୍ରଭାବରେ ଅନେକ ହେକ୍ଟର ପରିମିତ ଧାନ ଚାଷ ଜମି ପ୍ରଭାବିତ ହୋଇଥିବା ବେଳେ କୃଷି ବିଭାଗ କ୍ଷୟକ୍ଷତି ଆକଳନ ଆରମ୍ଭ କରିଥିବା ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ କହିଛନ୍ତି। ପାଟଣାରେ ଗତ ୧୭ ଘଣ୍ଟାରେ ୧୮.୨ ମିଲି ମିଟର ବୃଷ୍ଟିପାତ ହୋଇଥିବା ପାଟଣାସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟ ରେକର୍ଡରୁ ଜଣାପଡ଼ିଛି। ସେହିଭଳି ବୈତରଣୀ ନଦୀର ଜଳସ୍ତର ଘଣ୍ଟାକୁ ୫ ସେଣ୍ଟିମିଟର ହିସାବରେ ବୃଦ୍ଧି ପାଇ ୩୦୬.୩୦ କ୍ୟୁସେକଜଳ ପ୍ରବାହିତ ହେଉଥିବା ଜଣାପଡ଼ିଛି।

## ଯୁବକ ନିଖୋଜ

ପାଟଣା,୨୬/୧୦(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଶରଧାପୁର ଗ୍ରାମର ଯୁବକ ଅଧିକାରୀ ମୁଣ୍ଡା(୨୮) ନିଖୋଜ ହୋଇଯାଇଛନ୍ତି। ସେ ବୁଧବାର ପୂର୍ବାହ୍ନ ୧୦ଟାରୁ କେଉଁଆଡେ ଚାଲିଯାଇଛନ୍ତି। ଶନିବାର ପର୍ଯ୍ୟନ୍ତ ନ ଫେରିବାରୁ ତାଙ୍କ ଭାଇ ଧନେଶ୍ୱର ମୁଣ୍ଡା ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଧିକାରୀ କେନ୍ଦେଇପଶି ପଞ୍ଚାୟତ ମହିସା ମୁଣ୍ଡା ଗାଁକୁ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇ ନିଖୋଜ ଅଛନ୍ତି। ଅଭିଯୋଗ ପରେ ତୁରୁମୁଙ୍ଗା ପୋଲିସ ଘଟଣାର ତଦନ୍ତ କରୁଛି।

# ଖଣି ଲିଜ୍ ଜନଶୁଣାଣିକୁ ପଞ୍ଚାୟତବାସୀଙ୍କ ପ୍ରତ୍ୟାଖ୍ୟାନ

ଯୋଡ଼ା,୨୬।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଖଣି ମଣ୍ଡଳ ତଥା ବ୍ଲକ୍ ଅନ୍ତର୍ଗତ ବଡ଼ କାଳିମାଟି ପଞ୍ଚାୟତର ବଡ଼ କାଳୀମାଟି ଓ ବଳଦା ଗ୍ରାମରେ ଖଣି ଲିଜ ଅଞ୍ଚଳ ପାଇଁ ଜନଶୁଣାଣି ହେବାକୁ ଘୋଷଣା କରାଯାଇଛି। ମାତ୍ର ଏହାକୁ ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତବାସୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଏ ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୬୭.୧୭୭ ହେକ୍ଟର ପରିମିତ ଖଣି ଅଞ୍ଚଳ କାଳିମାଟି ମାଙ୍ଗାନିଜ ବ୍ଲକ୍(ପୂର୍ବ ଏମ୍ବେଡେଡ କ୍ଲିଏରାନ୍ସ ) ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଆସନ୍ତା ୨୯ ତାରିଖ ମଙ୍ଗଳବାର ଜନଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଜନଶୁଣାଣି ପାଇଁ ସ୍ଥାନୀୟ ଅଞ୍ଚଳରେ ଡାକବାଜିଯନ୍ତ୍ର ଦ୍ୱାରା ଲୋକଙ୍କୁ ଅବଗତ କରାଯାଇଛି। ମାତ୍ର ସ୍ଥାନୀୟ ବଡକାଳୀମାଟି ସରପଞ୍ଚ ପାନବତି ମୁଣ୍ଡାଙ୍କୁ ମୌଖିକ କିମ୍ବା ଲିଖିତ ଭାବେ ଜଣାଯାଇନାହିଁ। ଫଳରେ ଜନ ଶୁଣାଣିରେ ସେ ଓ ପଞ୍ଚାୟତବାସୀ ଅନୁପସ୍ଥିତ ରହିବାର ନିଷ୍ପତ୍ତି ନେଇଛନ୍ତି। ଜିଲାପାଳଙ୍କୁ ଜଣାଇବା ସହିତ ରାଜ୍ୟ ପ୍ରଦୂଷଣ ବିଭାଗକୁ ମଧ୍ୟ ଜଣାଇଥିବା ସୂଚନା ଦେଇଛନ୍ତି।

## ୨୦୮୪ ହେକ୍ଟର ଜମି ପ୍ରଭାବିତ

**ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଆରମ୍ଭ**

ବାରିପଦା,୨୬।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାମୁଦ୍ରିକ ଝଡ଼ ବାତ୍ୟା 'ଦାନା'କୁ ନେଇ ମୟୂରଭଞ୍ଜ ଜିଲା ବିଶେଷ ପ୍ରଭାବିତ ହୋଇଛି। ବାତ୍ୟା ପରେ ବନ୍ୟାକୁ ନେଇ ଜିଲାବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଲଗାଣ ବର୍ଷା ଯୋଗୁ ଘରଦ୍ୱାର ଭାଙ୍ଗିବା ସହ ୨୦୮୪ ଧାନ କ୍ଷେତ ସହ ପନିପରିବା ଚାଷ ନଷ୍ଟ ହୋଇଛି। ବାତ୍ୟା ପ୍ରଭାବରେ ଜିଲାରେ ଘଟିଥିବା କ୍ଷୟକ୍ଷତି ଆକଳନ ପାଇଁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରାରମ୍ଭିକ ଆକଳନକୁ ନେଇ ଜିଲାର ୨୬ଟି ବ୍ଲକ୍‌ର ୫୦ ପଞ୍ଚାୟତରେ ୧୫୧ ଗ୍ରାମ ବିଶେଷ ପ୍ରଭାବିତ ହୋଇଛି। ୪୩୨ଟି କଚାଘର ଭାଙ୍ଗିଥିବା ବେଳେ ୨୦ଟି ଗୁହାଳ ଘର ଭାଙ୍ଗିଛି। ସେହିପରି ୨୦୮୪ ହେକ୍ଟର ଜମି ମଧ୍ୟରୁ ୨ଶହ ହେକ୍ଟର ଜମିରେ ପନିପରିବା ଓ ଅବଶିଷ୍ଟ ଜମିରେ ଧାନଚାଷ ପ୍ରଭାବିତ ହୋଇଛି। ସେହିପରି ୮.୫୭ କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଥିବା ବେଳେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଜାରି ରହିଛି ବୋଲି ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର ପ୍ରକାଶ କରିଛନ୍ତି। ଶୁକ୍ରବାର ଅପରାହ୍ନ ୫ ଟାରୁ ଶନିବାର ସକାଳ ୮ ପର୍ଯ୍ୟନ୍ତ ଜିଲାରେ ମୋଟ ୧୫୩୬.୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଶାମାଖୁଣ୍ଟା ବ୍ଲକ୍‌ରେ ୭୫, ବଡ଼ସାହିରେ ୧୧୨, ବେତନଟୀରେ ୮୩, ମୋରଡ଼ାରେ ୫୨.୩, ରାସଗୋବିନ୍ଦପୁରରେ ୨୯.୬, କୁଳିଅଣାରେ ୪୩, ସାରସକଣାରେ ୫୫, ଶୁଳିଆପଦାରେ ୨୧.୪, ବାଙ୍ଗିରିପୋଷିରେ ୫୭.୪, ବାରିପଦାରେ ୪୮.୬, ଖୁଣ୍ଟାରେ ୧୦୧.୧, ଜିବି ନଗରରେ ୯୬, ଉଦଳାରେ ୧୪୧, କପ୍ତିପଦାରେ ୧୦୧, ବିଶୋଇରେ ୯୨.୮, ବିଜାତଳାରେ ୫୯, ରାଇରଙ୍ଗପୁରରେ ୩୦, କୁସୁମୀରେ ୮୨, ଜମାଦାରେ ୨୦, ବହଳଦାରେ ୧୮.୪, ଚିଡ଼ିଂରେ ୨୨, ଯଶିପୁରରେ ୬୨.୪, କରଞ୍ଜିଆରେ ୨୮.୭, ଠାକୁରମୁଣ୍ଡାରେ ୫୮, ଶୁକ୍ରୁଳୀରେ ୩୦.୬ ଓ ରରୁଆଁରେ ୧୬.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ତେବେ ବର୍ଷାକୁ ନେଇ ଉପଜିଥିବା ସମସ୍ୟା ପ୍ରତି ପ୍ରଶାସନ ପକ୍ଷରୁ ସମାଧାନ ଓ କ୍ଷୟକ୍ଷତିର ଆକଳନ ଜାରି ରହିଛି।



# ସରୁନି ରାସ୍ତା କାମ, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**କଲଭର୍ଟ, ଡ୍ରେନ୍ କାମ ଅଧାପନ୍ତରିଆ**

କେନ୍ଦୁଝର,୨୬।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ଦେଇ ଯାଇଥିବା ପୂର୍ତ୍ତ ବିଭାଗର ବେଲଦାଠାରୁ ମାଳିଗାଁ ପର୍ଯ୍ୟନ୍ତ ରାସ୍ତା (ପୂର୍ବରୁ ଏନ୍‌ଏଚ୍ ୬) କାମ ଅବଧି ଶେଷ ପରେ ବି କାମ ସରୁନାହିଁ। ଉପଯୁକ୍ତ ତଦାରଖ ଅଭାବରୁ ଯେଉଁ କାମ ହେଉଛି, ସେସବୁ ଠିକ୍ ମାନର ହେଉ ନ ଥିବାରୁ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାସ୍ତାକଡ଼ର ମାଟି ଠିକ୍ ଭାବରେ ରୋଲିଂ ଓ ଲେଭଲ କରାଯାଉନାହିଁ। ଡ୍ରେନ୍ କାମ ସରୁ ନ ଥିବାରୁ ମଇଳାପାଣି ରାସ୍ତା ଉପରେ ଗଡ଼ିବା ସହ ଦୋକାନରେ ପଶୁଛି। ଏହାକୁ ନେଇ ପୂର୍ତ୍ତ ବିଭାଗ ତତ୍ପରତା ନ ଦେଖାଇ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ଆଗକୁ ଅବସ୍ଥା ଜଟିଳ ହେବ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ୧୦ କି.ମି. ୭୦୦ ମିଟର ରାସ୍ତା ୨୦୨୩ ଡିସେମ୍ବରରେ ଶେଷହେବା ନିମନ୍ତେ ଚୁକ୍ତି ହୋଇଥିଲା। ପାଖାପାଖି ୧୦ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଚୁକ୍ତି ଅବଧିର ୧୦ ମାସ ଅତିକ୍ରମ ପରେ ମଧ୍ୟ ରାସ୍ତା, କଲଭର୍ଟ ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଦୀର୍ଘ ବର୍ଷ ହେଲା ରାସ୍ତା ଓ ନିର୍ମାଣାଧୀନ କଲଭର୍ଟଗୁଡିକର କାମ ସରୁ ନ ଥିବାରୁ ଦୁର୍ଘଟଣା ଘଟୁଛି ବୋଲି ନେଲୁଙ୍ଗ, ଶଙ୍କରପୁର, ବେଲଦା ଆଦି ଗ୍ରାମର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ସହରକୁ ଆସୁଥିବା ବା ସହରରୁ ବାରିପଦା, କୋଲକାତା ଆଦି ଯାଉଥିବା ବସ୍ ଓ ଅନ୍ୟାନ୍ୟ ଗାଡ଼ି ବହୁ ବାଟ ବୁଲି ଯିବା ଆସିବା କରୁଛି। ସେହିପରି ଗାନ୍ଧୀଛକଠାରୁ ଧୋବାଡ଼ିହା ଛକ ପର୍ଯ୍ୟନ୍ତ ୩୧୫ ମିଟର ଡ୍ରେନ୍ କାମ ଅଧାପନ୍ତରିଆ ହୋଇ ରହିଥିବାରୁ ବର୍ଷା ହେଲେ ଜଳ ନିଷ୍କାସନରେ ସମସ୍ୟା ଦେଖାଦେଉଛି। ମୁଖ୍ୟ ରାସ୍ତାରେ ଡ୍ରେନ୍ ପାଣି ଭାସୁଛି। ଏପରିକି ଡ୍ରେନ୍ ସ୍ଲାବ୍ ଅନେକ ସ୍ଥାନରେ ହୋଇ ନ ଥିବାରୁ ଦୁର୍ଘଟଣା ଆଶଙ୍କା ରହୁଛି। ଅବଧି ପରେ ରାସ୍ତା ଏବଂ ଡ୍ରେନ୍ କାମ ଶେଷ ହୋଇ ନ ଥିଲେ ବି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ଗାନ୍ଧୀଛକ ନିକଟରେ ବାରମ୍ବାର ଡ୍ରେନ୍ ନିର୍ମାଣ ପାଇଁ ଖୋଳାଯିବା ଏବଂ ପୁଣି ପୋତାଯିବା ଫଳରେ ବହୁ ଅର୍ଥ ଅପବ୍ୟୟ ହୋଇଛି। ମାତ୍ର ଡ୍ରେନ୍ କାମ ସରୁ ନ ଥିବାରୁ ଉକ୍ତ ସ୍ଥାନଟି ଅସୁରକ୍ଷିତ ହୋଇ ରହିଛି। କେନ୍ଦୁଝର ସହର, ଘୁଟୁରୁ, ଶଙ୍କରପୁର, ଝାଡ଼ବେଲଦା, ନେଲୁଙ୍ଗ ଆଦି ଗ୍ରାମର ଲୋକେ ଓ ପିଲାମାନେ ସ୍କୁଲ, କଲେଜ ଯାତାୟାତ କରିଥାନ୍ତି। ରାସ୍ତା ଖରାପ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। କାମ ତଦାରଖ କରୁଥିବା ଯନ୍ତ୍ରୀ କୌଣସି ଉତ୍ତର ଦେଉ ନ ଥିବା ବେଳେ ଅଧୀକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା କହିଛନ୍ତି, ବାକି ଥିବା କଲଭର୍ଟ ଓ ଡ୍ରେନ୍ କାମ ଶେଷ କରିବାକୁ ପଦକ୍ଷେପ ନିଆଯିବ।


ଅଧାପନ୍ତରିଆ ଅବସ୍ଥାରେ ଥିବା କଲଭର୍ଟ।

